## ଟ୍ରକ୍‌କୁ ଧକ୍କା ଦେଲା ଟ୍ରେଲର

ବଅଁରପାଳ, (ସୁବାସ ସାହୁ): କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥର ବଅଁରପାଳ ଛକ ନିକଟରେ ବୁଧବାର ଏକ ଦୁର୍ଘଟଣା ଘଟିଛି। ଏକ ଟ୍ରେଲର ସହ ଟ୍ରକ୍‌ର ଧକ୍କା ହୋଇଛି। ଟ୍ରକ୍‌ଟି ଅନୁଗୋଳ ଆଡୁ ଢେଙ୍କାନାଳ ଅଭିମୁଖେ ଯାଉଥିବା ବେଳେ ଅପର ପାର୍ଶ୍ୱରୁ ଆସୁଥିବା ଟ୍ରେଲର ଧକ୍କା ଦେଇଥିଲା। ଫଳରେ ଟ୍ରକ୍‌ଟି ଅଧିକ କ୍ଷତିଗ୍ରସ୍ତ ହୋଇଥିଲା। ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ଚାଳକଙ୍କୁ ଗାଡ଼ି ଭିତରୁ ସୁରକ୍ଷିତ ଅବସ୍ଥାରେ ଉଦ୍ଧାର କରାଯାଇଛି। ତେବେ ଟ୍ରେଲର ଚଳାକ ଗାଡ଼ି ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି।

# ଅଧରାତିରୁ ଆଧାର ଚିନ୍ତା

- ସୁଭଦ୍ରା ଯୋଜନାରେ ସାମିଲ ପାଇଁ ଧାଉଁଛନ୍ତି ମହିଳା
- ସଂଶୋଧନ, ଫୋନ୍ ନମ୍ବର ଲିଙ୍କ୍ କରିବାକୁ ଲାଗୁଛି ଲମ୍ବାଧାଡ଼ି
- ଅଧିକ କାଉଣ୍ଟର ଖୋଲିବା ପାଇଁ ଆଶାୟୀଙ୍କ ଦାବି

ଅନୁଗୋଳ,୪।୯(ମାନସ ବିଶ୍ୱାଳ)



ବ୍ୟାଙ୍କ ସମ୍ମୁଖରେ ମହିଳାମାନେ ଆଧାରକାର୍ଡ ଧାଡ଼ିରେ ରଖି ଅପେକ୍ଷା କରିଛନ୍ତି।

ଆସନ୍ତା ୧୭ ତାରିଖରେ ଆକାଉଣ୍ଟକୁ ଆସିବ ଅର୍ଥ। ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ପାଇବେ ଯୋଗ୍ୟ ମହିଳା। ଏ ନେଇ ସରକାରୀ ଘୋଷଣା ପରେ ଏବେ ସୁଭଦ୍ରା ଯୋଜନାରେ ସାମିଲ ହେବାକୁ ଆରମ୍ଭ ହୋଇଛି ଧାଁଦୌଡ଼। ଆଧାର ନମ୍ବର ଯୋଗ୍ୟତାର ପ୍ରମୁଖ ମାନଦଣ୍ଡ ହୋଇଥିବାରୁ ଅଧରାତିରୁ ଆଧାର ସଂଶୋଧନ ଚିନ୍ତାରେ ପଡୁଛନ୍ତି ଆଶାୟୀ। ଏଥିରେ ଥିବା ତ୍ରୁଟି ସଂଶୋଧନ, ଫୋନ ନମ୍ବର ଲିଙ୍କ୍ ଆଦି ପାଇଁ ବ୍ୟାଙ୍କ, ପୋଷ୍ଟ ଅଫିସ ସମ୍ମୁଖରେ ରାତିରୁ ଲଗାଉଛନ୍ତି ଲମ୍ବା ଲାଇନ୍।

ରାଜ୍ୟ ସରକାରଙ୍କ ବହୁଚର୍ଚ୍ଚିତ ସୁଭଦ୍ରା ଯୋଜନା ପାଇଁ ବଣ୍ଟାଯାଉଛି ଫର୍ମ। ପୋର୍ଟାଲ ଉନ୍ମୋଚନ ସହ ଆରମ୍ଭ ହୋଇଛି ଆବେଦନ ପ୍ରକ୍ରିୟା। ତେବେ ଯୋଜନାରେ ସାମିଲ ହେବାକୁ ବା ଯୋଗ୍ୟ ବିବେଚିତ ପାଇଁ ରଖାଯାଇଥିବା ନିୟମାବଳୀ ସମ୍ପର୍କରେ ଅବଗତ ହେବା ପରେ ଏବେ ପ୍ରମାଣପତ୍ର ଯୋଗାଡ଼ରେ ଲାଗିଛନ୍ତି ଆଶାୟୀ ମହିଳା। ବିଶେଷକରି ଯେଉଁମାନଙ୍କ ଆଧାରରେ ତ୍ରୁଟି ରହିଛି, ମୋବାଇଲ ନମ୍ବର ଲିଙ୍କ ହୋଇନାହିଁ, ଆକାଉଣ୍ଟ ସହ ମୋବାଇଲ ନମ୍ବର ଅପ୍‌ଡେଟ ହୋଇନାହିଁ, ସେମାନେ ଏଥିପାଇଁ ବ୍ୟାଙ୍କ, ପୋଷ୍ଟ ଅଫିସ ଆଦିକୁ ଧାଇଁବାରେ ଲାଗିଛନ୍ତି। ଏଥିପାଇଁ ଦିନକୁ ଦିନ ଗହଳି ବଢୁଥିବାରୁ ଆଶାୟୀମାନେ ରାତି ୨ଟାରୁ ଧାଡ଼ି ଲଗାଉଛନ୍ତି। କିଏ ନିଜେ ଲାଇନ୍‌ରେ ଠିଆ ହେଉଛନ୍ତି ତ ଆଉ କିଏ ଆଧାରକାର୍ଡ କିମ୍ବା ଚପଲ ଲାଇନ୍‌ରେ ରଖୁଥିବା ଦେଖିବାକୁ ମିଳୁଛି। ବୁଧବାର ଅନୁଗୋଳ ସହର ମାଉସୀ ମା' ଛକ ନିକଟସ୍ଥ ବ୍ୟାଙ୍କ ଅଫ ବରୋଦା ସମ୍ମୁଖରେ ଶତାଧିକ ଲୋକ ଲାଇନ ଲଗାଇଥିଲେ। ସେମାନେ ନିଜ ଆଧାରକାର୍ଡକୁ ଧାଡ଼ିରେ ରଖି ଅପେକ୍ଷା କରିଥିଲେ। ସୁଭଦ୍ରା ଆଶାୟୀ କାବେରୀ ସାହୁ କହିଛନ୍ତି, ଆଧାର କାର୍ଡ ଲିଙ୍କ୍ କରିବା ପାଇଁ ୨ ଦିନ ହେଲା ବ୍ୟାଙ୍କକୁ ଆସୁଛି। ହେଲେ ଏଯାଏ କାମ ହୋଇପାରି ନାହିଁ। ମଙ୍ଗଳବାର ଦିନତମାମ ଅପେକ୍ଷା କରି ଫେରିଯିବା ପରେ ବୁଧବାର ରାତିରୁ ଆସି ଲାଇନ ଦେଇଛି। ହେଲେ କେତେବେଳେ ଲିଙ୍କ୍ ହେବ ଜାଣି ନାହିଁ। ବ୍ୟାଙ୍କ ସମ୍ମୁଖରେ ଅପେକ୍ଷାରତ ଆହୁରି କେଜେଜଣ ମହିଳା ଲିଙ୍କ୍ ଫେଲ୍‌କୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବାରମ୍ବାର ବ୍ୟାଙ୍କରେ ଲିଙ୍କ୍ ଫେଲ ହେଉଥିବାରୁ ସେମାନଙ୍କୁ ଏକାଧିକ ଧର ଆସିବାକୁ ପଡୁଥିବା କହିଛନ୍ତି। ଏଥିସହ ମହିଳାମାନେ ଯେପରି ସେମାନଙ୍କ ଆଧାର ସଂଶୋଧନ ଆଦି ବିଭିନ୍ନ କାର୍ଯ୍ୟ ସୁବିଧାରେ କରିପାରିବେ ସେଥିପାଇଁ ସରକାର ଅଧିକ କେନ୍ଦ୍ର ଖୋଲିବା ପାଇଁ ଦାବି କରିଛନ୍ତି।

## ସକାଳ ୮ଟାରୁ ଭସାଣି ଶୋଭାଯାତ୍ରା


ବୈଠକରେ ଉପସ୍ଥିତ ପୋଲିସ ଅଧିକାରୀ ଓ ଅନ୍ୟମାନେ।

ତାଳଚେର,୪।୯ (ମନୋଜ ନନ୍ଦ)

### ଗଣେଶପୂଜା ଶୃଙ୍ଖଳା କମିଟି ବୈଠକ

ତାଳଚେରର ପ୍ରସିଦ୍ଧ ଗଣେଶ ପୂଜାକୁ ସୁଚାରୁ ଓ ଶାନ୍ତି ଶୃଙ୍ଖଳାରେ ପାଳନ ନିମନ୍ତେ ତାଳଚେର ଥାନା ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରୀୟ କମିଟି କାର୍ଯ୍ୟକାରୀ ସଭାପତି ତଥା ଏସ୍‌ଡିପିଓ ମାନସ ରଞ୍ଜନ ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ରୀୟ କମିଟି ସାଧାରଣ ସମ୍ପାଦକ ଦିଲୀପ ପାଣି, ନଗରପାଳ ପବିତ୍ର ଭୂତିଆ, ତାଳଚେର ଥାନା ଅଧିକାରୀ ଦିଗ୍‌ବିଜୟ ବିଶ୍ୱାଳ, କୋଲିୟାରୀ ଥାନା ଅଧିକାରୀ ଉପସ୍ଥିତ ରହି ଭସାଣି ଉତ୍ସବ ପାଳନ ସମ୍ପର୍କରେ ଉପସ୍ଥିତ ପୂଜା କମିଟିଙ୍କ ମତାମତ ନେଇଥିଲେ। ଏଥିରେ କେନ୍ଦ୍ରୀୟ ଗଣେଶ ପୂଜା କମିଟିର ଶଙ୍ଖଳା କମିଟି ସଦସ୍ୟମାନେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ଠିକ୍ ସମୟରେ ମେଢ଼ଗୁଡ଼ିକ ପହଞ୍ଚିବା ପରେ ସକାଳ ୮ଟାରୁ ମେଲଣ ପଡ଼ିଆରୁ ଶୋଭାଯାତ୍ରାରେ ବାହାରିବ ବୋଲି ନିଷ୍ପତ୍ତି ହୋଇଥିଲା। ଶୋଭାଯାତ୍ରାରେ ମେଢ଼ର ଉଚ୍ଚତା ୧୨ଫୁଟ ମଧ୍ୟରେ ସୀମିତ ରଖିବାକୁ ଓ ଡିଜେକୁ ବାରଣ କରାଯାଇଥିବା କୁହାଯାଇଥିଲା। ମେଢ଼ଗୁଡ଼ିକ କ୍ରମାନ୍ୱୟରେ ପଛକୁ ପଛ ରହି ବାହାରିବେ ବୋଲି ସ୍ଥିର କରାଯାଇଥିଲା। ସକାଳ ୬ ଘଣ୍ଟା ମଧ୍ୟରେ ଯେଉଁ ମେଢ଼ଗୁଡ଼ିକ ମେଳଣ ପଡିଆରେ ନ ପହଞ୍ଚିବେ ସେମାନେ ଆଉ ମୁଖ୍ୟ ରାସ୍ତା ବଡ଼ବଜାର ମଧ୍ୟଦେଇ ପ୍ରବେଶ କରିପାରିବେ ନାହିଁ। ସେମାନେ ଅଲଗା ରାସ୍ତା ଦେଇ ରାଜବାଟିରେ ପହଞ୍ଚିବେ। ତାଳଚେରରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ କୌଣସି ପ୍ରକାର ଗଣ୍ଡଗୋଳ ହେବ ନାହିଁ ବୋଲି ପୋଲିସ ଓ କେନ୍ଦ୍ରୀୟ କମିଟିର ଶୃଙ୍ଖଳା କମିଟି ଆଶା ପ୍ରକଟ କରିଥିଲେ। ଏଥିରେ ସମସ୍ତ ପୂଜା କମିଟି ସଭାପତି ଓ ସମ୍ପାଦକ ଉପସ୍ଥିତ ରହି ସହଯୋଗ କରିବାକୁ ସମ୍ମତି ପ୍ରକାଶ କରିଥିଲେ।

## ଗୋପବନ୍ଧୁ ସେବା ସଙ୍ଗଠନ ପକ୍ଷରୁ ସହାୟତା

ବଇଣ୍ଡା,୪।୯ (ପରିକ୍ଷିତ ସାହୁ)

ଆଠମଲ୍ଲିକ ଅଞ୍ଚଳର ଗୋପବନ୍ଧୁ ସେବା ସଙ୍ଗଠନ ପକ୍ଷରୁ ବୁଧବାର କିଶୋରନଗର କସ୍ତୁରୀବାହାଳ ଗ୍ରାମର କ୍ୟାନ୍‌ସର ରୋଗୀ ସଞ୍ଜିତ ରଣାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଦୀର୍ଘଦିନ ହେଲା କ୍ୟାନ୍‌ସରରେ ପୀଡିତ ହୋଇ ସଞ୍ଜିତ ଅର୍ଥ ଅଭାବରୁ ଚିକିତ୍ସିତ ହୋଇ ନ ପାରି ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ଏହି ଖବରପାଇ ଗୋପବନ୍ଧୁ ସେବା ସଙ୍ଗଠନର କର୍ମକର୍ତ୍ତାମାନେ ସଞ୍ଜିତଙ୍କ ଘରକୁ ଯାଇ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ସଙ୍ଗଠନ ପକ୍ଷରୁ ସନ୍ତୋଷ ମେହେର, ଅଭିରାମ ମେହେର, ସୀତାକାନ୍ତ ପ୍ରସାଦ ହୋତା, ଦେବରାଜ ନାୟକ, ନୀଳମାଧ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ସହାୟତା ପ୍ରଦାନ କରିଥିଲେ। ସଞ୍ଜିତଙ୍କ ଚିକିତ୍ସା ବ୍ୟବସ୍ଥା କରିବାକୁ ସଙ୍ଗଠନର ସଦସ୍ୟ ସନ୍ତୋଷ ମେହେର ପ୍ରଶାସନକୁ ଅନୁରୋଧ କରିଛନ୍ତି।



## ମା' ହିଙ୍ଗୁଳା, ବାଟମଙ୍ଗଳାଙ୍କ ଲେଉଟାଣି ଉତ୍ସବ



କଣିହାଁ,୪।୯ (ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ରେଙ୍ଗାଲି ପ୍ରକଳ୍ପ ଓସିସି କଲୋନି ନିକଟସ୍ଥ ଆଖଣ୍ଡଳମଣି ଓ ମା' ସନ୍ତୋଷୀ ମନ୍ଦିର ପରିସରରେ ମା' ହିଙ୍ଗୁଳା ଓ ମା' ବାଟମଙ୍ଗଳାଙ୍କ ଲେଉଟାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ପ୍ରତ୍ୟୁଷରୁ ମନ୍ଦିରରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ସର୍ବସାଧାରଣ ଦର୍ଶନ ଅନୁଷ୍ଠିତ ହୋଇଥିଲା। ମନ୍ଦିରର ମୁଖ୍ୟ ଉପଦେଷ୍ଟା ସେବକ ଆକୁଳ ପଣ୍ଡାଙ୍କ ପୌରୋହିତ୍ୟରେ ନାମ ସଂକୀର୍ତ୍ତନ ସହ ୨ ଦେବୀଙ୍କୁ ମନ୍ଦିର ବେଢ଼ା ପରିକ୍ରମା କରାଯାଇ ବାହାରକୁ ଅଣାଯାଇଥିଲା। ସେଠାରେ ପିଠାପଣା, ଶାଢ଼ି ଶଙ୍ଖା, ଭାର ସହ ପ୍ରସାଧନ ସାମଗ୍ରୀ ଆଦି ଉପହାର ସ୍ୱରୂପ ଦେଇ ୨ ଦେବୀଙ୍କ ବନ୍ଦାପନା କରାଯାଇ ବିଦାୟ ଦିଆଯାଇଥିଲା। ମନ୍ଦିରଠାରୁ ଘଣ୍ଟଘଣ୍ଟା, ବାଜା ବାଣ, ନାମସଂକୀର୍ତ୍ତନ ସହିତ ଏକ ଶୋଭାଯାତ୍ରାରେ ଭକ୍ତମାନେ ବାହାରି ପ୍ରଥମେ ରେଙ୍ଗାଳି ପ୍ରକଳ୍ପସ୍ଥିତ କପିଳେଶର ମନ୍ଦିର ସମ୍ମୁଖରେ ଥିବା ମା' ବାଟମଙ୍ଗଳାଙ୍କୁ ନିଜ ଆସ୍ଥାନରେ ଛାଡିବା ପରେ ମା' ହିଙ୍ଗୁଳାଙ୍କୁ ନେଇ ତାଳଚେରସ୍ଥିତ ଗୋପାଳପ୍ରସାଦ ଅଭିମୁଖେ ଗସ୍ତ କରିଥିଲେ। ସେଠାରେ ମା'ଙ୍କୁ ବିଦାୟ ଦେଇ ଭକ୍ତଦଳ ରାତିରେ ରେଙ୍ଗାଳି ଫେରି ଆସିଥିଲେ।

## ୫ ସ୍ଥାନରେ ଚଢ଼ାଉ, ୫ ଗିରଫ

ଅନୁଗୋଳ,୪।୯(ମାନସ ବିଶ୍ୱାଳ)


ଅବକାରୀ ବିଭାଗ ଦ୍ୱାର ଚଢାଉ କରାଯାଉଛି।

ଅନୁଗୋଳ ଜିଲା ଅବକାରୀ ବିଭାଗ ପକ୍ଷରୁ ବେଆଇନ ମଦ ଧରପଗଡ଼ ଜାରି ରହିଛି। ପ୍ରତିଦିନ ଜିଲାର ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରାଯାଇ ବ୍ୟାପକ ପୋଚ ନଷ୍ଟ କରାଯିବା ସହ ମଦ ପ୍ରସ୍ତୁତି ସାମଗ୍ରୀ ଜବତ କରାଯାଉଛି। ଏଥିସହ ଏହି କାରବାରରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଉଛି। ମଙ୍ଗଳବାର ବିଳମ୍ବିତ ରାତିରେ ଜିଲାର ୫ଟି ସ୍ଥାନରେ ଚଢାଉ କରାଯାଇ ୫ ଜଣକୁ ଗିରଫ କରାଯାଇଛି। ଏ ନେଇ ୭ଟି ମାମଲା ରୁଜୁ କରାଯାଇଛି। ଅବକାରୀ ବିଭାଗ ସୁପରିଣ୍ଟେଣ୍ଡେଣ୍ଟ ମଧୁସ୍ମିତା ନାୟକଙ୍କ ନିର୍ଦ୍ଦେଶରେ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ନୀଳାଦ୍ରି ନାୟକଙ୍କ ତତ୍ତ୍ୱାବଧାନରେ ଇନ୍ସପେକ୍ଟର ରମ୍ଭା ବାଗ, ଉମାକାନ୍ତ ସ୍ୱାଇଁ, ଆଠମଲ୍ଲିକ ଆଇଆଇସି ପବିତ୍ର ମାଝି ଏବଂ ବଇଣ୍ଡା ଏଏସ୍‌ଆଇ ମାଧବେଶ ମାରାଣ୍ଡି ପ୍ରମୁଖ ଅନୁଗୋଳ ଟାଉନ, ବଜ୍ରକୋଟ, ଆଠମଲ୍ଲିକ, ବଇଣ୍ଡା ଏବଂ ପାଲଲହଡ଼ା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢାଉ କରି ୫ ଜଣଙ୍କୁ ଗିରଫ କରିଥିଲେ। ସମସ୍ତ ସ୍ଥାନରୁ ୪୧୩ ଲିଟର ଦେଶୀ ମଦ ଜବତ କରାଯାଇଥିବା ବେଳେ ୧୦ ହଜାର ୭ ଶହ ଲିଟର ପୋଚ ନଷ୍ଟ କରାଯାଇଛି। ମଦ ପ୍ରସ୍ତୁତିରେ ବ୍ୟବହୃତ ଆସବାବପତ୍ର ଜବତ କରାଯାଇଥିବା ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ନାୟକ ଜଣାଇଛନ୍ତି।

## ପଞ୍ଚଧାରା କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ଆଠମଲ୍ଲିକ, ୪।୯ (ଉଦୀପ୍ତ ପୁରୋହିତ)

ଆଠମଲ୍ଲିକସ୍ଥିତ ମିନି ଷ୍ଟାଡିୟମ ଖେଳ ପଡ଼ିଆରେ ପଞ୍ଚଧାରା କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ ନେତାଜୀ କ୍ଲବ ଓ ଭେଜିଗୁଡା ଟିମ୍ ମଧ୍ୟରେ ଖେଳାଯାଇଥିଲା। ଏଥିରେ ନେତାଜୀ କ୍ଲବ ୨-୦ ଗୋଲରେ ବିଜୟ ଲାଭ କରିଥିଲା। ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକ ଆଥ୍‌ଲେଟିକ ଆସୋସିଏଶନ ସମ୍ପାଦକ ରଞ୍ଜନ କୁମାର ମହାକୁଡ଼, ସମ୍ମାନିତ ଅତିଥି ଭାବେ ଆସୋସିଏଶନ ଉପଦେଷ୍ଟା ରବୀନ୍ଦ୍ର କୁମାର ଦାଶ ଓ ସୁଶାନ୍ତ କୁମାର ମହାପାତ୍ର ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରେଫରି ଭାବେ ଦିଲୀପ କୁମାର ରାଉତ ଖେଳ ପରିଚାଳନା କରିଥିଲେ। ମୁନା ଓ ପପୁ ସହଯୋଗ କରିଥିଲେ। କ୍ରୀଡ଼ ସଂସଦ ସଭ୍ୟ ପ୍ରିୟରଞ୍ଜନ ସେଠୀ, କାର୍ତ୍ତିକ ପଲିଆ, ସୁନୀଲ ବାଘ, ସୁଜନ ଭୁକ୍ତା, ସାଗର ପ୍ରଧାନ, ମୁନା ବେହେରାଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ରହି ଖେଳ ପରିଚାଳନାରେ ସହଯୋଗ କରିଥିଲେ।

## ସ୍ୱାସ୍ଥ୍ୟକେନ୍ଦ୍ର ପାଚେରି ଭାଙ୍ଗିବା ଅଭିଯୋଗ

ବଇଣ୍ଡା,୪।୯ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଗ୍ରାମରେ ଥିବା ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ପାଚେରିକୁ ମଙ୍ଗଳବାର କେହି ଭାଙ୍ଗିଦେଇଥିବା ବୁଧବାର ମାଧପୁର ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଯତୀନ୍ଦ୍ର ପ୍ରସାଦ ହୋତା ଠାକୁରଗଡ଼ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, କେହି ବ୍ୟକ୍ତି ଏହି ପାଚେରି ଭାଙ୍ଗି ଦେଇଛନ୍ତି। ଏହି ଘଟଣା ଜଣାପଡ଼ିବା ପରେ ମେଡିକାଲ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଘଟଣାସ୍ଥଳକୁ ଆସି ତଦନ୍ତ କରୁଛି।

## ହିଙ୍ଗୁଳା ପୀଠରେ ନୂଆଖାଇ ପର୍ବ

ତାଳଚେର,୪।୯(ମନୋଜ ନନ୍ଦ)



ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ପ୍ରସିଦ୍ଧ ନୂଆଖାଇ ପର୍ବ ଗୋପାଳପ୍ରସାଦସ୍ଥିତ ହିଙ୍ଗୁଳା ପୀଠ ପରିସରରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପାଳିତ ହୋଇଯାଇଛି। ମଧ୍ୟାହ୍ନ ୧୨ଟା ୧୫ରେ ଦିଅଁ ଘରେ ମା' ହିଙ୍ଗୁଳାଙ୍କ ଆଲାମକୁ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ପରେ ପାରମ୍ପରିକ ଢୋଲ, ନିଶାଣ, ମହୁରୀ ଆଦି ବାଦ୍ୟ ବଜାଇ ଏକ ସୁସଜ୍ଜିତ ଶୋଭାଯାତ୍ରାରେ ମା' ହିଙ୍ଗୁଳାଙ୍କ ଚଳନ୍ତି ପ୍ରତିମା ଆଲମକୁ ବଡ଼ମଣ୍ଡପକୁ ବିଜେ କରାଯାଇଥିଲା। ସେଠାରେ ମନ୍ଦିରର ମୁଖ୍ୟ ପୂଜକ କିଶୋର ଚନ୍ଦ୍ର ଦେହୁରୀ ଓ ଟଙ୍କଧର ଦେହୁରୀ ମା' ହିଙ୍ଗୁଳା, କୁଟେଇଶୁଣୀ, କରଡେଇ, ଅନ୍ଧାରୀଶୁଣୀ ଓ ମା' ଚଣ୍ଡୀଙ୍କୁ ବିଧିବିଧାନ ଅନୁଯାୟୀ ପୂଜାର୍ଚ୍ଚନା କରିଥିଲେ। ଏହାସହିତ ମା'ଙ୍କ ପୀଠର ଅଗ୍ନି କୋଣରେ ଏକ ଚୂଲା ତିଆରି କରାଯାଇ ସେଥିରେ ନୂତନ ପାତ୍ରରେ ନୂଆ ଚାଉଳ ଲଗାଇ ସ୍ୱତନ୍ତ୍ର ପ୍ରକାର କ୍ଷିରୀ ଭୋଗ ପ୍ରସ୍ତୁତ କରାଯାଇ ମା' ଙ୍କ ପାଖରେ ଲାଗି କରାଯାଇଥିଲା। ଏହି ଉତ୍ସବ ଦେଖିବା ପାଇଁ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଟ୍ରଷ୍ଟବୋର୍ଡ ପକ୍ଷରୁ ସମସ୍ତ ଶ୍ରଦ୍ଧାଳୁଙ୍କୁ ଭୋଗ ସହ ଅନ୍ନ ପ୍ରସାଦ ବିତରଣ କରାଯାଇଥିଲା। ମା' ହିଙ୍ଗୁଳା ଠାକୁରାଣୀ ଟ୍ରଷ୍ଟ ବୋର୍ଡ ସଦସ୍ୟ ମୁରଲୀଧର ସାହୁ, ରାଜେନ୍ଦ୍ର କୁମାର ସିଂହ, ସନ୍ତୋଷ କୁମାର ପ୍ରଧାନଙ୍କ ସମେତ ସମସ୍ତ ସେବାୟତ ଉପସ୍ଥିତ ରହି ସହଯୋଗ କରିଥିଲେ।

## ନାରୀ ନିର୍ଯାତନା ବିରୋଧରେ କ୍ୟାଣ୍ଡେଲ ଶୋଭାଯାତ୍ରା




ବଅଁରପାଳ,୪।୯ (ସୁବାସ ସାହୁ)

ବଅଁରପାଳ ବ୍ଲକ ନାଲକୋନଗରରେ ବୁଧବାର ରାତିରେ ନାଲ୍‌କୋ ଅଫିସର ଆସୋସିଏଶନ ଏବଂ ନାଲ୍‌କୋନଗର ସ୍ଥିତ ସାମାଜିକ ସଂଗଠନ ହୋପ୍ ପକ୍ଷରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଦେଶରେ ଘଟୁଥିବା ନାରୀ ନିର୍ଯାତନା, ବଳାତ୍କାର ଭଳି ଅମାନବୀୟ ଘଟଣାକୁ ବିରୋଧ କରି ଶାନ୍ତିପୂର୍ଣ୍ଣ ଭାବେ ଏକ ପ୍ରତିବାଦ କରାଯାଇଥିଲା। ଏ ପ୍ରକାର ଘୃଣ୍ୟ କାର୍ଯ୍ୟକୁ ଦୃଢ଼ ନିନ୍ଦା କରାଯିବା ସହିତ ପୀଡିତା ଏବଂ ସେମାନଙ୍କ ପରିବାର ବର୍ଗକୁ ଉପଯୁକ୍ତ ନ୍ୟାୟ, ଦୋଷୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ବିଧାନ ପାଇଁ ମିଳିତ ଭାବେ ସ୍ୱର ଉତ୍ତୋଳନ କରାଯାଇଥିଲା। ଉକ୍ତ ଶୋଭାଯାତ୍ରାରେ ଶତାଧିକ ମହିଳା ଓ ପୁରୁଷ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଶତୋ ସିଂ, ଶିକ୍ଷୟିତ୍ରୀ ସସ୍ମିତା ମିଶ୍ର, ବି ସୁଜୟାଲକ୍ଷ୍ମୀ, ରଶ୍ମି କୁସୁହା, କିରଣ କାଣ୍ଡନାଗେ, ମିତାଲି ସିହ୍ନା, ନାଲ୍‌କୋ ଅଫିସର ଆସୋସିଏଶନ ସଭାପତି ବନମାଳୀ ସେଠୀ, ସାଧାରଣ ସମ୍ପାଦକ ନଳିନୀକାନ୍ତ ପଣ୍ଡା, ଅନାନ୍ୟ କର୍ମକର୍ତ୍ତା କିଶୋର କୁମାର ବେହେରା, ଦେବୀ ପ୍ରସାଦ ମହାପାତ୍ର, ଶକ୍ତି ରଥ, ଦିବ୍ୟଯୋତି ମହାପାତ୍ର, ଜିଜିଏମ ରାଜାରାମ ମିଶ୍ର, ଅଭିଜିତ ସିହ୍ନା, ସୁନୋନ୍ଦୋ ସେନ, ହୋପ୍ ଆବାହକ ଦେବାଶିଷ ମିଶ୍ର, ସରୋଜ ଗୌଡ଼, ସୁଗୋତୋ ବାସୁ, ଗୌରଭ ଜୟ ସିଂ, ସଂଯୋଗ ଦ୍ୱିବେଦୀ, ସୁରେନ୍ଦ୍ର ମଲ୍ଲିକ ପ୍ରମୁଖ ଯୋଗଦାନ କରିଥିଲେ।

## ଜିଲାରେ ୫ ଲକ୍ଷ ସଦସ୍ୟ ଭାଜପାର ଲକ୍ଷ୍ୟ

ଅନୁଗୋଳ,୪।୯(ମାନସ ବିଶ୍ୱାଳ)


ଖବରଦାତା ସମ୍ମିଳନୀରେ ଉପସ୍ଥିତ ଏମ୍‌ପିଙ୍କ ସମେତ ଭାଜପା ନେତୃବର୍ଗ।

ଅନୁଗୋଳ ଜିଲାରେ ୫ ଲକ୍ଷ ସଦସ୍ୟ ସଂଗ୍ରହ ଲକ୍ଷ୍ୟ ରଖିଛି ଭାଜପା। ଏହି ସଦସ୍ୟତା ଅଭିଯାନର ଗୁରୁ ଦାୟିତ୍ୱ ଦଳୀୟ କାର୍ଯ୍ୟକର୍ତ୍ତାମାନଙ୍କ ଉପରେ ନ୍ୟସ୍ତ। ଅନୁଗୋଳ ଜିଲା ଭାଜପା କାର୍ଯ୍ୟାଳୟରେ ବୁଧବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଦଳୀୟ ନେତୃବର୍ଗ ଏହା କହିଛନ୍ତି।

ଜିଲା ଭାଜପା ସଭାପତି ଦିଲେଶ୍ୱର ପ୍ରଧାନଙ୍କ ଆବାହକତ୍ୱରେ ଅନୁଗୋଳସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଏହି ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି ଯୋଗଦେଇ ରାଜ୍ୟକୁ ବିକଶିତ କରିବା ସହ ଅନୁଗୋଳକୁ ଏକ ନମ୍ବର ଜିଲାରେ ପରିଣତ କରିବା ପାଇଁ ଭାଜପା ସଙ୍କଳ୍ପବଦ୍ଧ ବୋଲି କହିଥିଲେ। ଏବେ ଓଡ଼ିଶାରେ ଡବଲ୍ ଇଞ୍ଜିନ ସରକାର ଚାଲିଛି। ନୂଆ ଓଡ଼ିଶାର ଲକ୍ଷ୍ୟ ପୂରଣ ପାଇଁ ଅଧିକ ପରିଶ୍ରମ କରିବାକୁ ପଡ଼ିବ। ରାଜ୍ୟରୁ ଦୁର୍ନୀତିଗ୍ରସ୍ତ ଓ ଭ୍ରଷ୍ଟ ଶାସନ ବ୍ୟବସ୍ଥାକୁ ହଟାଇବା ପାଇଁ କାଯ୍ୟକର୍ତ୍ତାମାନେ ବହୁ ସଂଘର୍ଷ କରିଛନ୍ତି। କାର୍ଯ୍ୟକର୍ତ୍ତାଙ୍କ କଠିନ ପରିଶ୍ରମ ଓ ଦୃଢ ନିଷ୍ଠା କାରଣରୁ ଓଡ଼ିଶାବାସୀ ଭାଜପା ଉପରେ ଆସ୍ଥାପ୍ରକଟ କରିଛନ୍ତି। ତେଣୁ ଅଧିକରୁ ଅଧିକ ସଦସ୍ୟ ସଙ୍ଗଠନ ସହ ଯୋଡ଼ିବାର ସମୟ ଆସିଛି। ଅନୁଗୋଳ ଜିଲାରେ ୫ ଲକ୍ଷ ଭାଜପା ସଦସ୍ୟ କରିବା ଲକ୍ଷ୍ୟ ରଖାଯାଇଥିବା ଏମ୍‌ପି ପାଣି ପ୍ରକାଶ କରିଥିଲେ। ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ କହିଥିଲେ, ଜିଲାର ସମସ୍ତ ବୁଥ୍‌ରେ ସଦସ୍ୟ କରାଇବା ଭାଜପାର ଲକ୍ଷ୍ୟ। ସଦସ୍ୟତା ଅଭିଯାନର ଗୁରୁ ଦାୟିତ୍ୱ ଦଳୀୟ କାର୍ଯ୍ୟକର୍ତ୍ତାମାନଙ୍କ ଉପରେ ନ୍ୟସ୍ତ। ସମସ୍ତଙ୍କୁ ସାଙ୍ଗରେ ନେଇ ଏକ ବିଚାରଧାରାରେ ବିଶ୍ୱାସ ରଖି ଛିଡ଼ା ହୋଇଥିବା ଏହି ଦଳ ବହୁ ସଂଘର୍ଷ, ତପସ୍ୟା ପରେ ୧୮ କୋଟିରୁ ଉର୍ଦ୍ଧ୍ୱ ସଦସ୍ୟ ସହିତ ବିଶ୍ୱର ଏକ ନମ୍ବର ରାଜନୈତିକ ଦଳ ହୋଇପାରିଛି ବୋଲି ବିଧାୟକ ପ୍ରକାଶ କରିଥିଲେ। ଜିଲା ସଦସ୍ୟତା ସଂଯୋଜକ ଦିଲୀପ ପ୍ରଧାନ ଓ ସୁଦୀପ ଗଡ଼ନାୟକ, ବରିଷ୍ଠ ସଦସ୍ୟ ପ୍ରମିମା ମିଶ୍ର ଓ ପର୍ଶୁରାମ ବାରିକ, ଭକ୍ତିପ୍ରସାଦ ଦାସ, ମୀରା ଗଡ଼ନାୟକ, ଯୁବମୋର୍ଚ୍ଚା ଜିଲା ସଭାପତି ସିଦ୍ଧାର୍ଥ ରାଉତରାୟଙ୍କ ସମେତ ଜିଲାର ପଦାଧିକାରୀ ଏବଂ ଅନେକ ସଂଖ୍ୟାରେ କାର୍ଯ୍ୟକର୍ତ୍ତାଙ୍କ ତତ୍ତ୍ୱାବଧାନରେ ସଦସ୍ୟତା ଗ୍ରହଣ କରାଯାଉଥିବା ଜିଲା ସଭାପତି ସୂଚନା ଦେଇଥିଲେ।

# ଗଜାନନଙ୍କ ମୂର୍ତ୍ତି ଭାଙ୍ଗିଲେ ଗଜରାଜ

ଢେଙ୍କାନାଳ,୪।୯(ରତନ ନାୟାର)

ଗଣେଶ ପୂଜା ଆଉ ଦୁଇଦିନ ବାକି। ଗଣେଶ ପୂଜା ଉତ୍ସବ ପାଇଁ ଗାଁଠାରୁ ସହର ସବୁଠି ଧୁମଧାମରେ ପ୍ରସ୍ତୁତି ଚାଲିଥିବା ବେଳେ ଢେଙ୍କାନାଳ ଜିଲା ହିନ୍ଦୋଳ ରେଞ୍ଜ ବାଲିମୀ ଥାନା ଗାଲପଡ଼ା ଗ୍ରାମରେ ବୁଧବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ମଙ୍ଗଳବାର ବିଳମ୍ବିତ ରାତିରେ ୧୫ଟି ହାତୀ ପଲ ଗ୍ରାମରେ କାରିଗରମାନେ ତିଆରି କରୁଥିବା ମୂର୍ତ୍ତି ଘରକୁ ଆସି ପ୍ରାୟ ୨୦ଟି ମୂର୍ତ୍ତି ଭାଙ୍ଗି ଦେଇଛନ୍ତି। ଅଧିକାଂଶ ମୂର୍ତ୍ତିରେ ରଙ୍ଗମରା ଶେଷ ହୋଇଥିଲା। ମୂର୍ତ୍ତିଗୁଡିକ ତିଆରି କାମ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିଲା। କେତେକ ମୂର୍ତ୍ତିର ମୁଣ୍ଡନେଇ ହାତୀପଲ ଜଙ୍ଗଲ ମଧ୍ୟକୁ ପଳାଇଛନ୍ତି। ଖବରପାଇ ବିଳମ୍ବିତ ରାତିରେ ମୂର୍ତ୍ତି କାରିଗରମାନେ ଘଟଣାସ୍ଥଳ ନିକଟରେ ପହଞ୍ଚିଥିଲେ ମଧ୍ୟ କିଛି କରିପାରିନଥିଲେ। ସେମାନଙ୍କ ସମ୍ମୁଖରେ ହାତୀପଲ ଗୋଟିଏ ପରେ ଗୋଟିଏ ମୂର୍ତ୍ତି ଭାଙ୍ଗି ଚାଲିଥିଲେ। ପ୍ରାୟ ୨ଲକ୍ଷ ଟଙ୍କାର ମୂର୍ତ୍ତି ନଷ୍ଟ ହୋଇଥିବା କାରିଗର ଚିନ୍ତାମଣୀ ନାୟକ, ଶଙ୍କର ନାୟକ ଓ ସୁଶିଲ କୁମାର ବିଶ୍ୱାଳ ପ୍ରମୁଖ କହିଛନ୍ତି। ରାତି ପାହିଲେ ଯେଉଁ ଯେଉଁ ଅନୁଷ୍ଠାନ ତରଫରୁ ମୂର୍ତ୍ତି ନିର୍ମାଣ ପାଇଁ ଅଗ୍ରୀମ ଟଙ୍କା ନେଇଥିଲେ ସେହି ସଂସ୍ଥାମାନଙ୍କୁ ଗୁରୁବାର ମଧ୍ୟରେ ମୂର୍ତ୍ତି ଯୋଗାଣ କରିବା କଥା। କିନ୍ତୁ ଏଭଳି ଅଭାବନୀୟ ଘଟଣା ପରେ ମୁଣ୍ଡରେ ହାତଦେଇ ବସିଛନ୍ତି କାରିଗର। ସେହିପରି ମୂର୍ତ୍ତି ତଆରି ହେଉଥିବା ଚାଳ ଘରକୁ ମଧ୍ୟ ହାତୀପଲ ଭାଙ୍ଗି ଦେଇଛନ୍ତି। ସେହିପରି ମୂର୍ତ୍ତି ବରାଦ ଦେଇଥିବା ଅନୁଷ୍ଠାନମାନେ ମଧ୍ୟ ଶେଷ ମୂହୁର୍ତ୍ତରେ କେଉଁଠୁ ମୂର୍ତ୍ତି ଯୋଗାଡ କରିବେ ତାହା ସେମାନଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି। ପ୍ରତିବର୍ଷ ଗଣେଶ ପୂଜା ସମୟରେ ମୂର୍ତ୍ତି ତିଆରି କରି ନିଜ ପରିବାର ପୋଷଣ କରୁଥିବା କାରିଗରମାନଙ୍କୁ ବନବିଭାଗ ଓ ପ୍ରଶାସନ ପକ୍ଷରୁ ତୁରନ୍ତ କ୍ଷତିପୂରଣ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।


ଗାଲପଡ଼ା ଗ୍ରାମରେ ହାତୀପଲ ମୂର୍ତ୍ତିଗୁଡିକୁ ଭାଙ୍ଗି ଦେଇଛନ୍ତି।

## ସଂକ୍ଷେପରେ

### ରାଣା ସ୍ୱଞ୍ଜ ମଜଦୁର ସଂଘର ନାମ ପରିବର୍ତ୍ତନ

**ଜିଏମ୍ ଆଇରନ ଆଣ୍ଡ ଷ୍ଟିଲ ମଜଦୁର ସଂଘ ନାମରେ ନାମିତ**

ପରଜଙ୍ଗ, ୪।୯ (ନିଗମାନନ୍ଦ ଦଳବେହେରା)

ପରଜଙ୍ଗ ବ୍ଲକ ଗେଙ୍ଗୁଟିଆ ପଞ୍ଚାୟତ କୁଲେଇ ଗ୍ରାମରେ ଗଢ଼ି ଉଠିଥିବା ରାଣା ସ୍ୱଞ୍ଜ ଆଇରନ ମଜଦୁର ସଂଘର ନାମ ପରିବର୍ତ୍ତନ ହୋଇ ବୁଧବାରଠାରୁ ଜିଏମ ଆଇରନ ଆଣ୍ଡ ଷ୍ଟିଲ ମଜଦୁର ସଂଘରେ ନାମିତ ହୋଇଛି। ୨୦୦୯ରୁ ଆରମ୍ଭ ଏହି କାରଖାନାରେ ଗଢ଼ି ଉଠିଥିବା ମଜଦୁର ସଂଘଟି ୨୦୧୨ରେ ସରକାରୀ ସ୍ୱୀକୃତିପ୍ରାପ୍ତ ହୋଇଥିଲା। ତେବେ ଦୁଇ ବର୍ଷ ପୂର୍ବେ ରାଣା ସ୍ୱଞ୍ଜ ଆଇରନ କାରଖାନାର ମାଲିକାନା ପରିବର୍ତ୍ତନ ହୋଇ ଘନଶ୍ୟାମ ମିଶ୍ରା ଆଇରନ ଆଣ୍ଡ ଷ୍ଟିଲ ହେବା ପରେ ମଜଦୁର ସଂଘର ନାମକୁ ମଧ୍ୟ ପରିବର୍ତ୍ତନ କରାଯାଇଛି। ବୁଧବାର ଭାରତୀୟ ମଜଦୁର ସଂଘ ଢେଙ୍କାନାଳର ଆବାହକ ଶ୍ରୀନିବାସ ଖୁଣ୍ଟିଆଙ୍କ ନେତୃତ୍ୱରେ କୁଆଳ ଗ୍ରାମ ପଞ୍ଚାୟତ ପରମହଂସପୁରଠାରେ ଥିବା ମା' ମହାପାତ୍ରଙ୍କଠାରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରତୀୟ ମଜଦୁର ସଂଘର ସଭାପତି କୃଷ୍ଣଚନ୍ଦ୍ର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୈଠକରେ ନାମ ପରିବର୍ତ୍ତନ ପାଇଁ ସ୍ଥିରୀକୃତ କରାଗଲା ଏବଂ ସଂଘର କାର୍ଯ୍ୟକର୍ତ୍ତା ମଧ୍ୟ ନୂତନ ଭାବରେ ଗଠନ କରାଗଲା ବୋଲି ଘୋଷଣା କରିଥିଲେ। ନୂତନ ସଂଘର ଉପଦେଷ୍ଟା ଭାବରେ ପୂର୍ବତନ ଜିଲା ପରିଷଦ ସଭ୍ୟ ଶରତ ଚନ୍ଦ୍ର ସାହୁଙ୍କୁ ମନୋନୀତ କରାଯାଇଥିଲା। ପରେ ସଂଘର ସଭାପତି ଭାବରେ ଅନିଲ କୁମାର ଭୁଟିଆ, କାର୍ଯ୍ୟକାରୀ ସଭାପତି ଭାବେ କାହ୍ନୁ ଚରଣ ରାଉତ, ଉପ ସଭାପତି ଭାବେ କୃଷ୍ଣଚନ୍ଦ୍ର ମୁଦୁଲି, ସାଧାରଣ ସମ୍ପାଦକ ଭାବେ ରଞ୍ଜିତ ପଣ୍ଡା, ସମ୍ପାଦକ ଭାବେ ବିଶ୍ୱଜିତ ପଟ୍ଟନାୟକ, କୋଷାଧ୍ୟକ୍ଷ ଭାବେ ରତିକାନ୍ତ ସାହୁ, ୭ ଜଣ ସକ୍ରିୟ ସଦସ୍ୟ ବଛାଯାଇ ନୂତନ ସଂଘ ଗଠନ କରାଯାଇଥିଲା। ଏହି ଚିଠାକୁ ଉପଜିଲାପାଳ, ଜିଲା ଶ୍ରମ ଅଧିକାରୀ, ଅତିରିକ୍ତ ଶ୍ରମ ମହାପ୍ରବନ୍ଧକ କାର୍ଯ୍ୟାଳୟକୁ ପ୍ରେରିତ କରାଯାଇଥିଲା।

### ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀଙ୍କ ପରଲୋକ

ଢେଙ୍କାନାଳ,୪।୯(ରତନ ନାୟାର)

ଢେଙ୍କାନାଳ ସହର ଶ୍ୟାମାଚରଣପୁର ଅଞ୍ଚଳରେ ରହୁଥିବା ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଚୈତନ୍ୟ ସେନାପତିଙ୍କର ମଙ୍ଗଳବାର ରାତି ପ୍ରାୟ ୧୦ଟା ସମୟରେ ଚିକିତ୍ସିତ ଅବସ୍ଥାରେ ପରଲୋକ ଘଟିଛି।



ମୃତ୍ୟୁବେଳକୁ ତାଙ୍କୁ ୭୨ବର୍ଷ ହୋଇଥିଲା। ସେ ହୃଦରୋଗରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରସ୍ଥିତ ଏକ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ପରିବାର ସଦସ୍ୟ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ସେ ରାଜ୍ୟର ବିଭିନ୍ନ ଜିଲାରେ ବିଭିନ୍ନ ପ୍ରଶାସନିକ ପଦବୀରେ କାର୍ଯ୍ୟକରି ଅବସର ଗ୍ରହଣ କରିଥିଲେ। ଏଥିସହିତ ସେ ଆଧ୍ୟାତ୍ମିକ ବ୍ୟକ୍ତି ହୋଇଥିବା ବେଳେ ବିଭିନ୍ନ ସାମାଜିକ ଓ ଧର୍ମୀୟ ଅନୁଷ୍ଠାନ ସହ ଜଡ଼ିତ ରହି କାର୍ଯ୍ୟ କରୁଥିଲେ। ସ୍ଥାନୀୟ ବୋରାପଦା ଶ୍ମଶାନଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ତାଙ୍କର ପରଲୋକରେ ସମ୍ପୃକ୍ତ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ସୁଭଦ୍ରା ଆବେଦନ କରିବାକୁ ଆସି ହନ୍ତସନ୍ତ



କାମାକ୍ଷାନଗର, ୪।୯ (ସୁଧୀର କୁମାର ପରିଡ଼ା)

ରାଜ୍ୟ ସରକାରଙ୍କ 'ସୁଭଦ୍ରା' ଯୋଜନା ପାଇଁ ଆଧାର କେନ୍ଦ୍ରରେ ଜମୁଛି ଭିଡ଼। ଆଧାର କାର୍ଡ ସହ ବ୍ୟାଙ୍କ ପାସବୁକ ଲିଙ୍କ, ବାୟୋମେଟ୍ରିକ ପାଇଁ ଲମ୍ବାଧାଡ଼ିରେ ଛିଡ଼ାହେଉଛନ୍ତି ଲୋକେ। କିନ୍ତୁ ଅଧାରୁ ମେସିନ ଖରାପ ହୋଇଯିବାରୁ ଲୋକେ ବହୁ ହନ୍ତସନ୍ତ ହୋଇ ଶେଷରେ ଘରକୁ ଫେରିଛନ୍ତି। ଏଭଳି ଘଟଣା ଘଟିଛି କାମାକ୍ଷାନଗର ବ୍ଲକ କାର୍ଯ୍ୟାଳୟରେ। ସୁଭଦ୍ରା ଯୋଜନା ପାଇଁ ଆଧାର ଲିଙ୍କ କରିବାକୁ ଆସି ନିରାଶ ହୋଇ ଫେରିଛନ୍ତି ଦୂରଦୂରାନ୍ତରୁ ଆସିଥିବା ମହିଳା। କାମାକ୍ଷାନଗର ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ଆଧାରକେନ୍ଦ୍ର ଉପରେ କାମାକ୍ଷାନଗର ବ୍ଲକ ସମେତ ପଡ଼ୋଶୀ କଙ୍କଡାହାଡ଼ ବ୍ଲକର ଅନେକ ପଞ୍ଚାୟତ ନିର୍ଭର କରୁଥିବା ବେଳେ ହଟାତ ମେସିନ ଖରାପ ଯୋଗୁଁ ଲୋକେ ହନ୍ତସନ୍ତ ହୋଇଛନ୍ତି। ସକାଳୁ ଅଖିଆଅପିଆ ତଥା ନିଜ ଜରୁରୀକାମ ଛାଡ଼ି ଆଧାର ଲିଙ୍କ ପାଇଁ ଆସିଥିବା ମହିଳାମାନେ ଅସୁବିଧାର ସାମ୍ନା କରୁଥିବା କହିଛନ୍ତି। ସେହିପରି ସରକାର ଆଧାର ଲିଙ୍କ ପାଇଁ ୫୦ ଟଙ୍କାର ବ୍ୟବସ୍ଥା କରିଥିଲେ ମଧ୍ୟ ଆଧାର କେନ୍ଦ୍ରରେ ୧୫୦ ଟଙ୍କା ନିଆଯାଉଥିବା ଅଭିଯୋଗ କରିଛନ୍ତି। ଖବର ପାଇ କାମାକ୍ଷାନଗର ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ ଘଟଣାସ୍ଥଳରେ ପହଞ୍ଚି ସମସ୍ୟା ବୁଝିଥିଲେ। କାର୍ଯ୍ୟରେ ସହଯୋଗ ପାଇଁ ଲୋକମାନଙ୍କୁ ବୁଝାସୁଝା କରିଥିଲେ।

# ବିଦ୍ୟୁତ୍ ସମସ୍ୟା ସମାଧାନ ପାଇଁ ଅଣ୍ଟାଭିଡ଼ିଲେ ଗ୍ରାମବାସୀ


ବିଦ୍ୟୁତ ସମସ୍ୟା ନେଇ ଗ୍ରାମବାସୀ ଯୋରନ୍ଦା ସେକ୍ସନ କନିଷ୍ଠ ଯନ୍ତ୍ରୀଙ୍କୁ ଦାବି ପ୍ରଦାନ କରୁଛନ୍ତି।

**ଯୋରନ୍ଦା ସେକ୍ସନରୁ ଦଧିସିଙ୍ଗା ଗ୍ରାମକୁ ସିଧାସଳଖ ଯୋଗାଣ ଦାବି**

ଢେଙ୍କାନାଳ, ୪।୯(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ବିଶ୍ୱ ପ୍ରସିଦ୍ଧ ମହିମାଗାଦୀ ଯୋରନ୍ଦା ନିକଟସ୍ଥ ଦଧିସିଙ୍ଗା ଗ୍ରାମରେ ଆଜିକୁ ୫୦ବର୍ଷ ହେବ ବିଦ୍ୟୁତ୍ ସମସ୍ୟା ପ୍ରମୁଖ ସମସ୍ୟାରେ ପରିଣତ ହୋଇଛି। ବହୁବାର ଅଭିଯୋଗ ହୋଇ ଦୃଷ୍ଟି ଆକର୍ଷଣ କରିବା ପରେ ମଧ୍ୟ ବିଦ୍ୟୁତ ବିଭାଗ ପକ୍ଷରୁ କୌଣସି ତତ୍ପରତା ପ୍ରକାଶ ପାଇଲା ନାହିଁ। ଶେଷରେ ବୁଧବାର ଗ୍ରାମବାସୀ ଦଧିସିଙ୍ଗା ଗ୍ରାମର ୫୦ବର୍ଷର ବିଦ୍ୟୁତ ସମସ୍ୟାର ସମାଧାନ ପାଇଁ ଏକାଠି ହୋଇ ବାହାରିଥିଲେ। ଗ୍ରାମ ଉପସଭାପତି ମାୟାଧର ମହାନ୍ତି ଓ ସମ୍ପାଦକ ଶ୍ରୀବତ୍ସ ମହାନ୍ତିଙ୍କ ନେତୃତ୍ୱରେ ଯୋରନ୍ଦା ବିଦ୍ୟୁତ ସେକ୍ସନର କନିଷ୍ଠ ଯନ୍ତ୍ରୀଙ୍କୁ ଗ୍ରାମବାସୀ ଦାବିପତ୍ର ପ୍ରଦାନ କରିଛନ୍ତି। ଯୋରନ୍ଦା ବିଦ୍ୟୁତ ସେକ୍ସନରୁ ୫୦୦ମିଟର ଦୂରରେ ଥିବା ଦଧିସିଙ୍ଗା ଗ୍ରାମକୁ ସିଧାସଳଖ ବିଦ୍ୟୁତ ଯୋଗାଣ ପାଇଁ ଗ୍ରାମବାସୀ ଲିଖିତ ଦାବି କରିଛନ୍ତି। ଗ୍ରାମର ମଙ୍ଗଳା ମନ୍ଦିର ନିକଟରେ ଥିବା ବିଦ୍ୟୁତ ଖୁଣ୍ଟ ବିପଦସଙ୍କୁଳ ଭାବେ ରହିଥିବାରୁ ଏହାକୁ ଘୁଞ୍ଚାଇ ଦିଆଯାଉ, ନଚେତ୍ କେବୁଲ ମାଧ୍ୟମରେ ବିଦ୍ୟୁତ ଯୋଗାଣ କରାଯିବାକୁ ଦାବି କରିଛନ୍ତି। ଆଜକୁ ୫୦ବର୍ଷ ହେଲା ଗ୍ରାମବାସୀମାନେ ନିକଟସ୍ଥ ବିରିଖୁଣ୍ଟି, ଛାଟିଆ, ଚିରୁଲେଇ, ଯଦୁପୁର ଦେଇ ଦଧିସିଙ୍ଗା ଗ୍ରାମକୁ ପ୍ରାୟ ୧୨ କିଲୋମିଟର ବୁଲି ଆସୁଥିବା ବିଦ୍ୟୁତକୁ ବ୍ୟବହାର କରୁଛନ୍ତି। ଝଡ଼ବର୍ଷା, ପବନ କିମ୍ବା କୌଣସି ବିଦ୍ୟୁତ ସମସ୍ୟା ଉପୁଜିଲେ, ବିଦ୍ୟୁତ ସଜାଡ଼ିବା ପାଇଁ ୨/୩ ଦିନ ବିଳମ୍ବ ହୋଇଥାଏ। ଫଳରେ ଲୋକମାନେ ରାତିସାରା ଅନ୍ଧାରରେ ରୁହନ୍ତି। ଅନ୍ୟପକ୍ଷରେ ଗ୍ରାମରେ ହାତୀ ଭୟ ଯୋଗୁ ଗ୍ରାମବାସୀ ମଧ୍ୟ ଅନ୍ଧାରରେ ଆତଙ୍କିତ ଅବସ୍ଥାରେ ରହିଥାନ୍ତି। ବିଦ୍ୟୁତ ବିଭ୍ରାଟ ଯୋଗୁ ଅଧିକାଂଶ ସମୟରେ ଗ୍ରାମବାସୀ ଓ ବିଦ୍ୟୁତ କର୍ମଚାରୀଙ୍କ ମଧ୍ୟରେ ବିବାଦ ଲାଗିଥାଏ। ତେଣୁ ଏହି ସମସ୍ୟାର ତୁରନ୍ତ ସମାଧାନ କରିବା ପାଇଁ ଗ୍ରାମବାସୀ ଢେଙ୍କାନାଳ ଟିପିସିଓଡିଏଲ୍ ଅଧିକ୍ଷଣ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ମନ୍ଥର ଗତିରେ ଚାଲୁଛି ମେଗା ଜଳ ପ୍ରକଳ୍ପ କାର୍ଯ୍ୟ

କାମାକ୍ଷାନଗର,୪।୯ (ସୁଧୀର ପରିଡ଼ା)

୨୦୨୫ ମାର୍ଚ୍ଚ ମଧ୍ୟରେ କାମାକ୍ଷାନଗର ସହରବାସୀଙ୍କୁ ପାଇପ୍ ମାଧ୍ୟମରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ଚାଲିଛି। ହେଲେ ଆବଶ୍ୟକ କର୍ମଚାରୀଙ୍କ ଅଭାବରୁ ଏହି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ମନ୍ଥର ଗତି ଧରିଥିବା ସାଧାରଣରେ ଅଭିଯୋଗ ହେଉଛି। ଫଳରେ ଆସନ୍ତା ଖରାଦିନ ପୂର୍ବରୁ ସହରବାସୀ ଏହି ପ୍ରକଳ୍ପରୁ ଠିକ୍ ଭାବରେ ପାଣି ପାଇବେ କି ନାହିଁ ତାହାକୁ ନେଇ ଆଶଙ୍କା ଦେଖାଦେଇଛି। ପ୍ରକାଶ ଯେ, କାମାକ୍ଷାନଗର ସହରର ଜଳକଷ୍ଟ ଦୂର ପାଇଁ ୩ଟି ସ୍ଥାନରେ ମେଗା ପାନୀୟ ଜଳ ପ୍ରକଳ୍ପ କାମ ଜାରି ରହିଛି। କିନ୍ତୁ ସହରାଞ୍ଚଳ ଜନସ୍ୱାସ୍ଥ୍ୟ ବିଭାଗରେ ଆବଶ୍ୟକ କର୍ମଚାରୀ ନ ଥିବାରୁ ଆସନ୍ତା ମାର୍ଚ୍ଚ ୨୦୨୫ ମଧ୍ୟରେ କାମ ସାରିବା ନେଇ ଅନିଶ୍ଚିତତା ଦେଖାଦେଇଛି। ଜନସ୍ୱାସ୍ଥ୍ୟ ବିଭାଗରେ ପୂର୍ବରୁ ୧୧ ଜଣ ରେଗୁଲାର କର୍ମଚାରୀ ଥିବାବେଳେ କିଛି ମାସ ପୂର୍ବରୁ ୫ ଜଣ କର୍ମଚାରୀଙ୍କ ଅନ୍ୟତ୍ର ବଦଳି ଓ ଚାକିରିରୁ ଅବସର ହୋଇସାରିଛି । ଫଳରେ ଅଳ୍ପସଂଖ୍ୟକ କର୍ମଚାରୀ ଥିବାରୁ ପ୍ରକଳ୍ପର ଅନୁଧ୍ୟାନ ଓ କାର୍ଯ୍ୟ ଆଗେଇ ନେବାରେ ଅହେତୁକ ବିଳମ୍ବ ହେଉଛି । ଆବଶ୍ୟକ କର୍ମଚାରୀ ଅଭାବରୁ କାମରେ ବିଳମ୍ବ ହେଉଥିବା ଏହି ପ୍ରକଳ୍ପର ଠିକାଦାର କହିଛନ୍ତି। ସେହିପରି ବିଭାଗରେ କର୍ମଚାରୀଙ୍କ ଆବଶ୍ୟକତା ରହିଥିବା ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ହେମନ୍ତ କୁମାର ସାହୁ ପ୍ରକାଶ କରିଛନ୍ତି।

# ଏଚ୍ଆଇଭି–ଏଡ୍ସ ସମ୍ପର୍କିତ ସଚେତନତା




ସାତମାଇଲ, ୪।୯ (ସୁଶାନ୍ତ କୁମାର ପତି)

ହିନ୍ଦୋଳ ଉପଖଣ୍ଡ ସ୍ଥିତ ରିଜଓନାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଏଚ୍ଆଇଭି–ଏଡ୍ସ ଉପରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ବିଦ୍ୟାଳୟର ଅଧ୍ୟକ୍ଷ ରଞ୍ଜିତ ଅମାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡାକ୍ତର ବିନୟ କୁମାର ମିଶ୍ର ଏବଂ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଦିବାକର ପଟ୍ଟନାୟକ, ରୁଦ୍ର ନାରାୟଣ ମିଶ୍ର, ରୋଜାଲିନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଏଡ୍ସ ଭଳି ମହାମାରୀ ରୋଗରୁ ସମାଜକୁ ମୁକ୍ତ ରଖିବାକୁ ଯୁବକଯୁବତୀ ଆଗେଇ ଆସି ସଚେତନତା ଦ୍ୱାରା ସମାଜରେ ଏକ ଜନ ବିପ୍ଳବ କରାଇବା ପାଇଁ ଅତିଥିବୃନ୍ଦ ଆହ୍ୱାନ ଜଣାଇଥିଲେ। ସଚେତନତା ପ୍ରତ୍ୟେକ ସଫଳତାର ଅସଲ ଚାବିକାଠି ବୋଲି ବିଦ୍ୟାଳୟର ଅଧ୍ୟକ୍ଷ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରାଇଥିଲେ। ଓଡ଼ିଆ ଅଧ୍ୟାପକ ପ୍ରଭାକର ଦ୍ୱିବେଦୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ସମୟରେ ପ୍ରୋଗାମ ଅଫିସର ବରୁଣ ଚନ୍ଦ୍ର ମାଝୀ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ନିକଟସ୍ଥ ଗ୍ରାମରେ ପଦଯାତ୍ରା କରି ଜନସାଧାରଣଙ୍କୁ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସକ୍ରିୟ ସହଯୋଗ କରିଥିଲେ।

# ଖମାରସାହି ଲକ୍ଷ୍ମୀପୂଜା ପ୍ରତିଷ୍ଠାନ ପକ୍ଷରୁ ପ୍ରସ୍ତୁତି



ଢେଙ୍କାନାଳ,୪।୯(ରତନ ନାୟାର): ଢେଙ୍କାନାଳ ସହର ଖମାରସାହି ଲକ୍ଷ୍ମୀପୂଜା ପ୍ରତିଷ୍ଠାନ ପକ୍ଷରୁ ଚଳିତବର୍ଷ ଲକ୍ଷ୍ମୀପୂଜା ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ପାଇଁ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ବୈଠକରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ପୂଜା ପ୍ରତିଷ୍ଠାନର ଏହି ସାଧାରଣ ପରିଷଦ ବୈଠକ କାର୍ଯ୍ୟକାରୀ ସଭାପତି ସୁକାନ୍ତ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ୨୦୨୩–୨୪ ଆର୍ଥିକ ବର୍ଷର ଆୟବ୍ୟୟ ଏବଂ ୨୦୨୪ ବର୍ଷ ନିମନ୍ତେ ଆୟବ୍ୟୟ ଆକଳନର ହିସାବ ଅନୁମୋଦନ ହୋଇଥିଲା। ପୂର୍ବବର୍ଷ ଭଳି ଚଳିତବର୍ଷ ମଧ୍ୟ ପୂଜା ପ୍ରତିଷ୍ଠାନର ସଭାପତି ଭାବେ ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ, କାର୍ଯ୍ୟକାରୀ ସଭାପତି ଭାବେ ସୁକାନ୍ତ ମିଶ୍ର, ଉପସଭାପତି ବସନ୍ତ ରଥ, ସମ୍ପାଦକ ସୁଶାନ୍ତ ସାହୁ, ଯୁଗ୍ମ ସମ୍ପାଦକ ସୁଶାନ୍ତ ସ୍ୱାଇଁ, ପ୍ରଭାତ ସାହୁ, ସର୍ବେଶ୍ୱର ପତ୍ରି, ସର୍ବେଶ୍ୱର ପ୍ରଧାନ, କୋଷାଧ୍ୟକ୍ଷ ପ୍ରଶାନ୍ତ ବେହେରା, ଯୁଗ୍ମ କୋଷାଧ୍ୟକ୍ଷ ଭାବେ ବଳରାମ ବାରିକ କାର୍ଯ୍ୟ ସମ୍ପାଦନ କରିବେ ବୋଲି ନିଷ୍ପତ୍ତି ହୋଇଥିଲା। ସେହିପରି ଚଳିତବର୍ଷ ପୂଜାକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ପାଇଁ ଏକ କୋର କମିଟି ଗଠିତ ହୋଇଛି। ଏହି କମିଟିରେ ଚକ୍ରଧର ରାଉତ, ଶରତଚନ୍ଦ୍ର ବିଶ୍ୱାଳ, ଗିରିଜାକାନ୍ତ ମହାନ୍ତି, ଅଶୋକ ନନ୍ଦ, ପ୍ରଶାନ୍ତ ନାୟକ, ଜ୍ଞାନେନ୍ଦ୍ର ସାହୁ, ମଧୁସୂଦନ ରାଉତ, ଚନ୍ଦ୍ରଶେଖର ମହାପାତ୍ର, ବଂଶୀଧର ମହାପାତ୍ର, ସଦାନନ୍ଦ ସାହୁ, ଦୀପକ ମିଶ୍ର, ଜୟନ୍ତ ସ୍ୱାଇଁ, ସୁଜିତ ଦାସ, ପ୍ରେମାନନ୍ଦ ପ୍ରଧାନ, ଭଗବାନ ବେହେରା ଓ ଦିନବନ୍ଧୁ ବାରିକ ପ୍ରମୁଖ ସଦସ୍ୟଭାବେ ମନୋନୀତ ହୋଇଛନ୍ତି। ଏଥିସହିତ ସ୍ଥାନୀୟ ବିକାଶ କ୍ଲବ ଏବଂ ଖମାର ସାହି ଗ୍ରାମ୍ୟ କମିଟିର ସମସ୍ତ ସଦସ୍ୟ ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ସ୍ଥିର ହୋଇଥିଲା।

# ଶ୍ରୀମୁଳା ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ହାତଧୁଆ ସଚେତନତା

ଢେଙ୍କାନାଳ,୪।୯(ରତନ ନାୟାର)

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ଶ୍ରୀମୁଳା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପକ୍ଷରୁ ତୁମୁସିଙ୍ଗା ପଞ୍ଚଶଖା ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ହାତଧୁଆ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ହାତଧୁଆ ପ୍ରଣାଳୀ ସମ୍ପର୍କରେ ବୁଝାଯାଇଥିଲା। ଡା. ଫୁଲଗୁନି ମିଶ୍ର, ସଂଯୋଜକ ଜ୍ୟୋତି ପ୍ରକାଶ ସାହୁ, ଏଏନ୍ଏମ୍ ସୁନିତା ଦେହୁରୀ ପ୍ରମୁଖ ଯୋଗଦେଇ ହାତଧୁଆ ପ୍ରଣାଳୀ ଓ ଏହାର ଆବଶ୍ୟକତା ସମ୍ପର୍କରେ ବୁଝାଇଥିଲେ। ଖାଦ୍ୟ ପୂର୍ବରୁ ଏବଂ ଶୌଚ ପରେ ସାବୁନ ଦ୍ୱାରା ହାତ ଧୋଇବାର ୬ଟି ସୋପନ କଥା କହିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାତୀ ଦେହୁରୀ, ସୋମନାଥ ବିଶ୍ୱାଳ, ସବିତା ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।


ଛାତ୍ରୀଛାତ୍ରମାନଙ୍କୁ ହାତଧୁଆ ପ୍ରଣାଳୀ ସମ୍ପର୍କରେ ବୁଝାଯାଉଛି।

# ବିଦାୟକାଳୀନ ସମ୍ବର୍ଦ୍ଧନା ସଭା



ଭୁବନ, ୪।୯(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରକାଶ ଚନ୍ଦ୍ର ନାୟକଙ୍କୁ ବୁଧବାର ଅବସରକାଳୀନ ସମ୍ବର୍ଦ୍ଧନା କରାଯାଇଛି। ସେ ଜଣେ ଛାତ୍ରବତ୍ସଳ ସହିତ ନିଷ୍ଠାର ସହ ଶିକ୍ଷାଦାନ କରି ବିଦ୍ୟାଳୟରେ ବେଶ ପ୍ରିୟଭାଜନ ହୋଇପାରିଥିଲେ। ସେହିପରି ଯୁବ ଶିକ୍ଷକ ରାଜେଶ ରୋଶନ ଧଳ ଜଣେ ମିଷ୍ଟଭାଷୀ ଥିଲେ। ତାଙ୍କ ପାଠପଢ଼ା ଅତି ଉଚ୍ଚକୁଟୀର ଥିଲା। ବିଦ୍ୟାଳୟର ସମସ୍ତ କାର୍ଯ୍ୟକ୍ରମରେ ତାଙ୍କର ମୁଖ୍ୟ ଭୂମିକା ରହୁଥିଲା। ସଦାସର୍ବଦା ଉତ୍ତମ ଛାତ୍ରୀଛାତ୍ର ଗଢିବାରେ ତାଙ୍କର ମୁଖ୍ୟ ଲକ୍ଷ୍ୟ ଥିଲା। ବିଦାୟକାଳୀନ ସଭାରେ ରାଜେଶ ସାରଙ୍କ କର୍ତ୍ତବ୍ୟ ସହିତ ତାଙ୍କ ନୀତି ଆଦର୍ଶ ଛାତ୍ରୀଛାତ୍ରମାନଙ୍କ ଚିର ସ୍ମୃତି ହୋଇ ରହିଯାଇଅଛି ବୋଲି କହିଥିଲେ। ଏହି ଅବସରରେ ଏକ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ସେଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରୁଦ୍ର ନାରାୟଣ ସାମଲ ସଭାପତିତ୍ୱ କରିଥିବା ବେଳେ ସମସ୍ତ ଶିକ୍ଷୟତ୍ରୀ ଶିକ୍ଷକ ବିଦାୟୀ ସାରଙ୍କ ଉଦ୍ଦେଶ୍ୟରେ ମାର୍ଗଦର୍ଶନ କରିଥିଲେ। ସଭାକୁ ଶାରୀରିକ ଶିକ୍ଷକ ସାଗର ରାଉତ ପରିଚାଳନା କରିଥିଲେ ।

# ସହରରେ ଟ୍ରାଫିକ୍ ଜାମ୍, ପୋଲିସର ମୁଣ୍ଡବ୍ୟଥା

ଢେଙ୍କାନାଳ,୪।୯(ରତନ ନାୟାର)

ଢେଙ୍କାନାଳ ସହରରେ ପ୍ରତିଦିନ ଟ୍ରାଫିକ ଜାମ ପୋଲିସର ମୁଣ୍ଡବ୍ୟଥା ସାଜିଛି। ବିଶେଷକରି ଗଣେଶ ବଜାର ଓ ମହାବୀର ବଜାର ମଧ୍ୟରେ ଥିବା ଟ୍ରାଫିକ ଛକରେ ଅଧିକାଂଶ ସମୟରେ ଟ୍ରାଫିକ ଜାମ ବ୍ୟାପକ ସମସ୍ୟା ସୃଷ୍ଟି କରିଛି । ଏ ସମ୍ପର୍କରେ ବାରମ୍ବାର ଦୃଷ୍ଟି ଆକର୍ଷଣ ପରେ ମଧ୍ୟ ପୋଲିସ ଓ ପ୍ରଶାସନ ପକ୍ଷରୁ ଏହାର କୌଣସି ସ୍ଥାୟୀ ସମାଧାନ କରାଯାଉନାହିଁ। ବୁଧବାର ଅପରାହ୍ନ ପ୍ରାୟ ୨ଟା ସମୟରେ ସହରସ୍ଥିତ ଗଣେଶ ବଜାର ଓ ମହାବୀର ବଜାର ଟ୍ରାଫିକ ଛକଠାରେ ଟ୍ରାଫିକ ଜାମକୁ ନିୟନ୍ତ୍ରଣ କରିବା ପାଇଁ ପୋଲିସ ଓ ଟ୍ରାଫିକ କନେଷ୍ଟବଳ ନାକେଦମ ହୋଇପଡ଼ିଥିଲେ। ଏପରିକି ଖବରପାଇ ଖୋଦ ଏସ୍ପି ମଡକର ସନ୍ଦିପ ସମ୍ପଦ ଓ ସଦର ଏସ୍ଡିପିଓ ବିଭୂତି ଭୂଷଣ ମହାପାତ୍ର ମଧ୍ୟ ପୋଲିସ ଅଧିକାରୀଙ୍କ ସହ ଘଟଣା ସ୍ଥଳରେ ବହୁ ସମୟ ଧରି ଉପସ୍ଥିତ ରହି ପରିସ୍ଥିତିକୁ ଅନୁଧ୍ୟାନ କରିଥିଲେ। ଏହି ଅବସରରେ ବାରମ୍ବାର ଏଭଳି ସମସ୍ୟା ସୃଷ୍ଟି କରୁଥିବା ଅଞ୍ଚଳରେ ଟ୍ରାଫିକ ସମସ୍ୟାର ସ୍ଥାୟୀ ସମାଧାନ କରିବା ପାଇଁ ଏସ୍ପି, ପୋଲିସ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଗଣେଶ ବଜାର ଓ ମହାବୀର ବଜାର ଟ୍ରାଫିକ ଛକର ପ୍ରମୁଖ ରାସ୍ତା ରଥଗଡା ଓ ବାଜିଚୌକ ଆଡ଼କୁ ଯାଇଥିବା ବେଳେ ଅନ୍ୟ ରାସ୍ତା ଦୁଇଟି ଦକ୍ଷିଣକାଳୀସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ପୂର୍ତ୍ତବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଆଡ଼କୁ ଯାଇଛି। ଉକ୍ତ ଛକରେ ଟ୍ରାଫିକ ଜାମ ଯୋଗୁ ଏପରିକି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଜରୁରୀ ସେବା ପାଇଁ ଯାଉଥିବା ଆମ୍ବୁଲାନ୍ସ ମଧ୍ୟ ଯିବାରେ ବ୍ୟାପକ ସମସ୍ୟା ସୃଷ୍ଟି ହୋଇଥାଏ। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପୋଲିସ ଓ ପ୍ରଶାସନ ପକ୍ଷରୁ ତୁରନ୍ତ ଦୃଷ୍ଟି ପ୍ରଦାନ କରିବା ପାଇଁ ସାଧାରଣରେ ଦାବି ହୋଇଛି।


ସହରସ୍ଥିତ ଗଣେଶ ବଜାର ଓ ମହାବୀର ବଜାର ମଧ୍ୟରେ ଟ୍ରାଫିକ୍ ଜାମ।

